## ସଂକ୍ଷେପରେ

### ୯୫ ଲିଟର ବିଦେଶୀ ମଦ ଜବତ, ୨ ଗିରଫ

ଛତ୍ରପୁର,୨୮।୩(ଦିଲୀପ ସାମଲ): ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ଗଞ୍ଜାମ ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଉଥିବା ବେଳେ ଜେଲ ଫେରନ୍ତା ଅପରାଧୀଙ୍କ ଉପରେ କଡା ନଜର ରହିଛି। ଏଥିସହିତ ବେଆଇନ ଚୋରା ନିଶା କାରବାର ରୋକିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚଢଉ ଜାରି ରହିଛି। ଚମାଖଣ୍ଡି ଥାନା ପୋଲିସ ଚୋରା ମଦ କାରବାର ଉପରେ ଚଢ଼ାଉ କରି ୯୫ ଲିଟର ବିଦେଶୀ ମଦ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଅନିଲ କୁମାର ସାହୁ ଓ ପାରିତୋଷ ନାୟକ। ପୋଲିସ ଟିମ୍ ବୁଧବାର ବିଳମ୍ବିତ ରାତିରେ ନରେନ୍ଦ୍ରପୁର ଗ୍ରାମର ଅନିଲଙ୍କ ଘରୁ ଏବଂ ପୋକିଡି ବନ୍ଧ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଢ଼ାବାରେ ଚଢାଉ କରି ପାରିତୋଷଙ୍କଠାରୁ ଚୋରା ବିଦେଶୀ ମଦ ଜବତ କରିଥିଲା। ପୋଲିସ ଏ ନେଇ ଦୁଇଟି ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

### ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀର ଭଜନ ସନ୍ଧ୍ୟା

କବିସୂର୍ଯ୍ୟନଗର,୨୮।୩ (କୃପାସିନ୍ଧୁ ସ୍ୱାଇଁ)
କବିସୂର୍ଯ୍ୟନଗର ସିନ୍ଧୁରିଆପଡା ମୁଖ୍ୟ ରାସ୍ତା କଡରେ କର୍ତ୍ତା ମାନସିକଧାରୀ ବୁଲୁ ଭୋଳଙ୍କ ଦୋଳ ପୂର୍ଣ୍ଣିମା ଅବସରରେ ଗୁରୁବାର ଶ୍ରୀଗୁଣ୍ଡିଚା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଇଂ. କୃପାସିନ୍ଧୁ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ସାମାଜିକ କର୍ମୀ ସଞ୍ଜୟ କୁମାର ମଣ୍ଡଳ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ସାଥୀରେ ଥିଲେ ବରିଷ୍ଠ ବ୍ଲକ କଂଗ୍ରେସ ସଭାପତି ସୁବାସ ଚନ୍ଦ୍ର ଜେନା, ବିଶ୍ୱଜିତ ମିଶ୍ର, ବଳରାମ ସୁରୁଙ୍ଗି କଳାକାରଙ୍କ ମଧ୍ୟରେ ଶିବରାମ, ଶଙ୍କର, ସନକୁମାର, କନକକୁମାର, ଲକ୍ଷ୍ମୀରାଣୀ, ଶ୍ରଧାସୁମନ, ପ୍ରେମରାଜ, ଲିପି ମହାନ୍ତି ଓ ବଭ୍ରୁବାହନ ଜେନା ଉପସ୍ଥିତ ରହି କଣ୍ଠଦାନ କରିଥିଲେ । ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସଫଳ ଉତ୍ତରଦାତାଙ୍କୁ ଉପହାର ପ୍ରଦାନ କରିଥିଲେ।

### ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

ଆର,ଉଦୟଗିରି,୨୮।୩(ମନୋଜ କୁମାର ପାଢ଼ୀ)
ଆର.ଉଦୟଗିରି ସାମ୍ବାଦିକ ସଂଘର ୬ଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମମତାଜ ମହମ୍ମଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାଶ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରା.ଉଦୟଗିରି ଓକିଲ ସଂଘ ସଭାପତି ଶ୍ରୀମତୀ କମଳିନୀ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଯାକୁବ ମାଝି, ପୂର୍ବତନ ସମିତି ସଭ୍ୟ ସୁଦର୍ଶନ ପଣ୍ଡା, ବିଜେଡି ବ୍ଲକ ସଭାପତି ଭୀମ ପାଇକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ, ମୋହନା ପ୍ରେସ କ୍ଲବ ସଭାପତି ପଞ୍ଚାନନ ଦାଶ, ଉପସଭାପତି ନୃସିଂହ ପୂଜାରୀ, ସାମ୍ବାଦିକ ମନ୍ମଥ ମିଶ୍ର, ମୋହନ ଗୌଡ଼, ବିମଳ କୁମାର ମଳିକ, ବର୍ଷାରାଣୀ ମହାଙ୍କୁଡ଼ଙ୍କ ସମେତ ପାରଳାଖେମୁଣ୍ଡି, ନୂଆଁଗଡ଼ରୁ ଆସିଥିବା କିଛି ସମ୍ବାଦିକଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ,ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଆର.ଉଦୟଗିରି ସାମ୍ବାଦିକ ସଂଘର କୋଷାଧ୍ୟକ୍ଷ ମିହିର ପ୍ରସାଦ ମାଲି, ସନ୍ତୋଷ କୁମାର ପାଳ, ପ୍ରଦୀପ କୁମାର ସ୍ୱାମୀ, ମନୋଜ କୁମାର ପାଢ଼ୀ, ସମ୍ପାଦକ କହ୍ଲୋଳ କୁମାର ରାୟ, ମନୋଜ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

### ଫାଣ୍ଡି ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ବୁଗୁଡ଼ା,୨୮।୩(କାଳିଚରଣଦାଶ)
ବାଲିପଦର ଫାଣ୍ଡି ପୋଲିସ ପକ୍ଷରୁ ବାଲିପଦର ଫାଣ୍ଡି ଇଲକାର ୭ ଖଣ୍ଡ ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି, ଯେପରି ଭାବେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଠିକ ରହି ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପାଦନ ହୋଇପାରିବ ସେ ନେଇ ଗଞ୍ଜାମ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ଏସ୍‌ଡିପିଓ ସୁଜିତ୍ କୁମାର ନାୟକଙ୍କ ନେତୃତ୍ୱରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ ମାର୍ଚ୍ଚରେ ବାଲିପଦର ଫାଣ୍ଡି ଅଧିକାରୀ ସମିର କୁମାର ବେହେରା, ବୁଗୁଡା ଥାନାଧିକାରୀ ପ୍ରଭାତ ରଞ୍ଜନ ମହାନ୍ତି, ଗାଙ୍ଗପୁର ଥାନା ଅଧିକାରି ରାଜେଶ ନାୟକ, ବେଲଗୁଣ୍ଠା ଥାନା ଅଧିକାରି ବନବିହାରି ପ୍ରଧାନଙ୍କ ପ୍ରମୁଖ ସାମିଲ ଥିଲେ।

# ଗୋଟିଏ ଗାଁ ୩ ନାଁରେ ପରିଚିତ

ପାରଳାଖେମୁଣ୍ଡି,୨୮।୩(ଗିରିଧାରୀ ପରିଛା)



ଗ୍ରାମ ଗୋଟିଏ ମାତ୍ର ନାମ ତିନୋଟି। ଏଥିରେ ଦୁଇ ରାଜ୍ୟର ତିନି ଜିଲା ପ୍ରଶାସନ ଉପସ୍ଥିତ ଜାହିର କରୁଛନ୍ତି। ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ରହୁଥିବା ଏହି ଗ୍ରାମ ଉପରେ ଆନ୍ଧ୍ର ଦୃଷ୍ଟି ପକାଇ ଅକ୍ତିଆର କରିବାରେ ଲାଗିଛି। ପ୍ରଶାସନର ଆନ୍ତରିକତା ଅଭାବରୁ ଏହି ଗ୍ରାମରେ ଆନ୍ଧ୍ରର ପ୍ରଭାବ ବେଶି। ଏହି ଗ୍ରାମ ହେଉଛି ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ଗୁଡିଖୁଡି। ଗୋଟିଏ ଗ୍ରାମ ତିନି ନାମରେ ପରିଚିତ। ଗଜପତି ତଥା ଓଡ଼ିଶା ରାଜ୍ୟ ଅନୁଯାୟୀ ଏହା ଗୁଡିଖୁଡି। ଆନ୍ଧ୍ର ଏହି ଗ୍ରାମର ନାମକରଣ ଗୁଡିଖୋଳା ବୋଲି କହୁଥିବା ବେଳେ ଗଞ୍ଜାମ ଜିଲା ପ୍ରଶାସନ ଏହି ଗ୍ରାମକୁ ଜିଲାର ବୋଲି ଉଲ୍ଲେଖ କରିଛି। ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ସବିତା ଶବରଙ୍କ ବାସଗୃହର କାନ୍ଥରେ ଲାଗିଥିବା ଫଳକରେ ଏହା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତର ଅବନ୍ଦିଆ ଗ୍ରାମ। ଏହା ଆର୍ଥିକ ବର୍ଷ ୨୦୨୧-୨୦୨୨ରେ ନିର୍ମିତ ହୋଇଥିବା ଫଳକରେ ଉଲ୍ଲେଖ ରହିଛି।

ଏହି ଗ୍ରାମକୁ ନେଇ ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ଏଥିରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତରେ ରହିଥିବା ଉଲ୍ଲେଖ ରହିଛି। ଗଜପତି ଜିଲା ପ୍ରଶାସନ ପକ୍ଷରୁ ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତରେ ଗୁଡ଼ିଖୁଡ଼ି ଗ୍ରାମ ରହିଥିବା ଉଲ୍ଲେଖ କରାଯାଇଛି। ଏଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଗଜପତି ଜିଲା ଅନ୍ତର୍ଗତ ବୋଲି ଉଲ୍ଲେଖ ରହିଛି। ଗ୍ରାମର ବହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହରେ ଆନ୍ଧ୍ରର ବୋଲି ଉଲ୍ଲେଖ ରହିଛି। ଏପରିସ୍ଥଳେ ଉକ୍ତ ଗାଁଟି କେଉଁ ରାଜ୍ୟ ଓ ଜିଲାରେ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଜପତି ଜିଲା ପ୍ରଶାସନ ତଥା ରାଜସ୍ୱ ବିଭାଗର ଖାମଖିଆଲି ମନୋବୃତ୍ତି ଯୋଗୁ ଓଡ଼ିଶାର ଏହି ଗ୍ରାମ ଆନ୍ଧ୍ରର ଅକ୍ତିଆରକୁ ଚାଲିଯାଉଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ ସେବାଠାରୁ ଆରମ୍ଭ କରି ଆବାସିକ ଯୋଜନା, ସ୍ୱାସ୍ଥ୍ୟସେବା ଆଦି ଗ୍ରାମବାସୀଙ୍କୁ ଆନ୍ଧ୍ର ସରକାର ଯୋଗାଉଛନ୍ତି। ଏପରିକି ଆଧାର କାର୍ଡ, ରାଶନ କାର୍ଡ, ଭୋଟର କାର୍ଡ ମଧ୍ୟ ଗ୍ରାମବାସୀଙ୍କୁ ଆନ୍ଧ୍ର ପ୍ରଦାନ କରିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ଆଧାର କାର୍ଡ, ରାଶନ କାର୍ଡ, ଭୋଟର କାର୍ଡ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଛି। ଏହି ଗ୍ରାମର ପ୍ରାୟତଃ ପରିବାର ନିକଟରେ ଉଭୟ ରାଜ୍ୟର ବିଭିନ୍ନ କାର୍ଡ ରହିଛି। ଆନ୍ଧ୍ର ଓ ଓଡ଼ିଶା ସରକାର ତଥା ପ୍ରଶାସନ ଆସି ଏଠାରେ ସୁବିଧା ଦେଉଛନ୍ତି, ତା'ର ଲାଭ ଉଠାଉଛନ୍ତି ଉକ୍ତ ଗ୍ରାମବାସୀ। ଗଙ୍ଗାବାଡ଼ ପଞ୍ଚାୟତର ଏହା ଗୋଟିଏ ଗ୍ରାମ ନୁହେଁ ଅନେକ ଗ୍ରାମରେ ଏପରି ପରିସ୍ଥିତି ରହିଛି। ଶାସନ ଓ ରାଜସ୍ୱ ବିଭାଗ ପୁନଃ ସର୍ଭେ ବା ଡିମାର୍କେଶନ କରି ସୀମାନ୍ତ ଗ୍ରାମାଞ୍ଚଳକୁ ଚିହ୍ନଟ କରି ଆବଶ୍ୟକ ସେବା ଯୋଗାଇଦେଲେ ଆନ୍ଧ୍ର ପ୍ରଦେଶ ପ୍ରଲୋଭନ ଦେଖାଇ ଗ୍ରାମବାସୀଙ୍କୁ ନିଜ ଆଡକୁ ଟାଣିବାରେ ସକ୍ଷମ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

- ଓଡ଼ିଶାର ଗାଁରେ ଆନ୍ଧ୍ରର ପ୍ରଭାବ ବେଶି
- ଦୁଇଟି ରାଜ୍ୟ ଓ ୩ ଜିଲା ପ୍ରଶାସନର ଉପସ୍ଥିତି ଜାହିର
- ଗଜପତିର ଗୁଡ଼ିଖୁଡ଼ି, ଗଞ୍ଜାମର ଅବନ୍ଦିଆ ଓ ଆନ୍ଧ୍ରର ଗୁଡିଖୋଳା

## ହୋଲି ଦିନ ପାଣିରେ ବୁଡ଼ିଥିବା ଯୁବକଙ୍କ ମୃତଦେହ ଜବତ

ବାଲିଗୁଡା,୨୮।୩(ସଞ୍ଜୟ କୁମାର ପାଣିଗ୍ରାହୀ)

ହୋଲି ଦିନ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିବା ଯୁବକଙ୍କ ଗଳିତ ମୃତଦେହ ଗୁରୁବାର ଗଞ୍ଜାମ ଜିଲାର ଓଡ୍ରାଫ ଟିମ ୪ ଘଣ୍ଟାର ମିଶନ ପରେ ପାଣିରୁ ବାହାର କରିଛି। ହୋଲି ଖେଳ ପରେ ଗୁଇବନ୍ଧା ଡ୍ୟାମରେ ଗାଧେଇବା ସମୟରେ କୌଣସି କାରଣବଶତଃ ନୂଆସାହିର ମଧୁସୁଦନ ବିଷୋୟୀ (୨୮) ପାଣିରେ ବୁଡ଼ି ନିଖୋଜ ହୋଇଥିଲେ। ହେଲେ ପ୍ରଥମେ ବାଲିଗୁଡା ଅଗ୍ନିଶମ ବାହିନୀ ପରେ ଜିଲାର ସ୍ୱତନ୍ତ୍ର ଟିମ ଦୁଇ ଦିନ ଧରି ଖୋଜାଖୋଜି ପରେ ମଧ୍ୟ ଯୁବକଙ୍କ କୌଣସି ସନ୍ଧାନ ପାଇପାରିନଥିଲେ। ଶେଷରେ ବୁଧବାର ପରିବାର ଲୋକ ଗୋଟିଏ ଘଣ୍ଟା ଧରି ୫୯ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ବାଲିଗୁଡା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଓ ଦମକଳ ବାହିନୀର ସହଯୋଗରେ ଗଞ୍ଜାମ ଜିଲା ଛତ୍ରପୁର ଓଡ୍ରାଫ ଟିମ ସହିତ ଯୋଗାଯୋଗ କରି ଉତ୍ତ୍ୟକ୍ତ ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଗୁରୁବାର ସକାଳୁ କନ୍ଧମାଳ ଜିଲାର ଅଗ୍ନିଶମ ବିଭାଗ ଟିମ ଓ ଛତ୍ରପୁରରୁ ଆସିଥିବା ସ୍ୱତନ୍ତ୍ର ଓଡ୍ରାଫ ଟିମ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବାଲିଗୁଡା ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ।



କନ୍ଧମାଳ ଜିଲା ଜି. ଉଦୟଗିରି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସାଲୁଗା ପ୍ରଧାନଙ୍କୁ ତୃତୀୟଥର ପାଇଁ ଦଳୀୟ ଟିକେଟ ମିଳିବା ପରେ ଗୁରୁବାର ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଜଣାଉଛନ୍ତି।

## ଗୋପାଳପୁରରୁ ଭାଜପା ପ୍ରାର୍ଥୀ ହୋଇପାରନ୍ତି ସିଦ୍ଧାନ୍ତ

ବ୍ରହ୍ମପୁର,୨୮।୩(ନରସିଂହ ସାହୁ)
ବ୍ରହ୍ମପୁର ଲୋକ ସଭା କ୍ଷେତ୍ରର ପୂର୍ବତନ ବିଜେଡି ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଗୁରୁବାର ଭାଜପାରେ ମିଶିଛନ୍ତି। ଦିଲ୍ଲୀରେ କେନ୍ଦ୍ରୀୟ ନେତାଙ୍କ ଉପସ୍ଥିତିରେ ସେ ଭାଜପା ଟୋପି ପିନ୍ଧିଛନ୍ତି। ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସିଦ୍ଧାନ୍ତ ବିଜେଡିରୁ ବ୍ରହ୍ମପୁର ଲୋକ ସଭା ନିର୍ବାଚନ ଲଢ଼ି ନିକଟତମ କଂଗ୍ରେସ ପ୍ରାର୍ଥୀ ତଥା ବର୍ତ୍ତମାନର ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ପରାସ୍ତ କରିଥିଲେ। ୨୦୧୯ ନିର୍ବାଚନରେ ତାଙ୍କ ଟିକେଟ କଟିଥିଲା। ଚନ୍ଦ୍ରଶେଖର ଏଆଇସିସି ସଭ୍ୟ ପଦରୁ ଇସ୍ତଫା ଦେଇ ୨୦୧୮ ଶେଷବେଳକୁ ବିଜେଡିରେ ଯୋଗ ଦେଇଥିଲେ। ତାଙ୍କୁ ଦଳ ଲୋକ ସଭା ପ୍ରାର୍ଥୀ କରିଥିଲା। ସେ ବିପୁଳ ଭୋଟରେ ନିର୍ବାଚିତ ହୋଇଥିଲେ।

ଚନ୍ଦ୍ରଶେଖର ଏମ୍‌ପି ହେବା ପରେ ସିଦ୍ଧାନ୍ତ ରାଜନୀତିରେ ସକ୍ରିୟ ନ ଥିଲେ। ୨୦୨୦ରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡି ବହିଷ୍କାର କରିଥିଲା। ପୁଣି ଆଶା ରଖି ସିଦ୍ଧାନ୍ତଙ୍କୁ ଛତ୍ରପୁର, ଗୋପାଳପୁର, ଦିଗପହଣ୍ଡି, ବ୍ରହ୍ମପୁର ଓ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭିନ୍ନ ଭିନ୍ନ ସମୟରେ ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଥିଲା। ଗୁରୁବାର ସିଦ୍ଧାନ୍ତ ଭାଜପାରେ ଯୋଗଦେବାରୁ ନାନା ଆଲୋଚନା ଆରମ୍ଭ ହୋଇଛି। ଆଗାମୀ ନିର୍ବାଚନରେ ସେ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜୋରଦାର ଚର୍ଚ୍ଚା ହେଉଛି। ତେବେ ବ୍ରହ୍ମପୁର ଲୋକ ସଭା ଭାଜପା ପ୍ରାର୍ଥୀ ଭାବେ ପ୍ରଦୀପ ପାଣିଗ୍ରାହୀଙ୍କ ନାମ ଦଳ ଘୋଷଣା କରି ସାରିଛି। ତେଣୁ ସିଦ୍ଧାନ୍ତ କେଉଁ ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବେ ନା ଗଞ୍ଜାମ ବାହାରରୁ ପ୍ରାର୍ଥୀ ହେବେ ସସ୍‌ପେନସ୍ ରହିଛି। ବ୍ରହ୍ମପୁର ଲୋକସଭା କ୍ଷେତ୍ରର ଗୋପାଳପୁର ବା ବ୍ରହ୍ମପୁର ସେଗ୍‌ମେଣ୍ଟରୁ ସିଦ୍ଧାନ୍ତ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଫୁଲବାଣୀ,୨୮।୩(ରାକେଶ କୁମାର ରାଉତ)
ଫୁଲବାଣୀ ବ୍ଲକ ଧୋବତୁଟଠାରେ ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଆଲୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସହକାରୀ ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସେ ନିଜେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଅଧ୍ୟୟନ କରି ଆଜି ଜଣେ ବିଶିଷ୍ଟ ଚିକିତ୍ସାଧିକାରୀ ହୋଇ ପାରିଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ବର୍ତ୍ତମାନ ଯାହା ମିଳୁଛି ସେତେବେଳେ ଏତେ ସୁବିଧା ନ ଥିଲା, ହେଲେ ମଧ୍ୟ କଠିନ ପରିଶ୍ରମ ଓ ଶିକ୍ଷକମାନଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପ୍ରଧାନ କହିଥିଲେ ଯେ ଶିକ୍ଷା କ୍ଷେତ୍ରରେ ବହୁ ବୈପ୍ଳବିକ ପରିବର୍ତ୍ତନ ଘଟିଛି. ଛାତ୍ରୀଛାତ୍ରମାନଙ୍କୁ ବର୍ତ୍ତମାନ ସବୁ ସୁବିଧା ମିଳିପାରୁଛି। ଏବେ ଆମେ ଜିଲାରେ ଶ୍ରେଷ୍ଠ ବିଦ୍ୟାଳୟ ଟିଏ ମଧ୍ୟ ପ୍ରତିଷ୍ଠା କରି ପାରିଛୁ, ଯେଉଁ ଠାରୁ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ମଧ୍ୟ ମେଧାବୀ ପିଲା ପଠାଇପାରିଛୁ ବୋଲି ସେ କହିଥିଲେ । ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଭାଜପାରେ ଆଇଆର୍‌ଇର ଅବସରପ୍ରାପ୍ତ ଉପପ୍ରବନ୍ଧକ

ଛତ୍ରପୁର,୨୮।୩(ସନ୍ତୋଷ ପାଢ଼ୀ)

ଛତ୍ରପୁରସ୍ଥିତ ଭାରତୀୟ ବିରଳ ମୃର୍ତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟର ଅବସରପ୍ରାପ୍ତ ଉପପ୍ରବନ୍ଧକ (ପ୍ରଶାସନିକ) ସୁରେଶ ଚନ୍ଦ୍ର ପାତ୍ର ଗୁରୁବାର ଭାଜପାରେ ମିଶିଛନ୍ତି । ବ୍ରହ୍ମପୁର ଲୋକସଭା ଭାଜପା ପ୍ରାର୍ଥୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନା, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଶରତ ଭାଇ, ପୂର୍ବତନ ଛତ୍ରପୁର ବିଧାୟକ ପ୍ରାର୍ଥୀ ବନମାଳୀ ସେଠୀ ଏବଂ ଜିଲାର ବହୁ ବରିଷ୍ଠ ଭାଜପା ନେତା ଉପସ୍ଥିତରେ ସେ ଦଳରେ ସାମିଲ ହୋଇଥିବା ଛତ୍ରପୁରଠାରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି । ସୁରେଶ ଚନ୍ଦ୍ର ପାତ୍ର ଛାତ୍ର ଜୀବନରୁ ଖଲ୍ଲିକୋଟ କଲେଜ ଓ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଛାତ୍ର ସଂଗଠନର ନେତା ଭାବେ ବହୁ ପଦବୀରେ ଥିଲେ। ଚାକିରୀ ସମୟରେ ଦୀର୍ଘ ବର୍ଷଧରି ଭାରତୀୟ ବିରଳ ମୃର୍ତ୍ତିକାର ଶ୍ରମିକ ସଂଗଠନ ଓ ଅଫିସର ଆସୋସିଏଶନରେ ପଦ ପଦବୀରେ ଥିଲେ। ଛାତ୍ର ସଂଗଠନ, ଶ୍ରମିକ ସଂଗଠନ ଓ ସାମାଜିକ ସଂଗଠନର ଦକ୍ଷତା ଏବଂ ଅଭିଜ୍ଞତାକୁ ଭାଜପା ସକାଶେ ସମର୍ପିତ କରିବେ ବୋଲି ସେ ଘୋଷଣା କରିଛନ୍ତି।

## ବିଶ୍ୱ ନାଟ୍ୟ ଦିବସରେ ନାଟୁଆ ମେଳା

ପାରଳାଖେମୁଣ୍ଡି,୨୮।୩(ଗିରିଧାରୀ ପରିଛା)
ପାରଳାଖେମୁଣ୍ଡିଠାରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟୁଆ ମେଳା ଆୟୋଜିତ ହୋଇଯାଇଛି। ପ୍ରଗତିଶୀଳ ନାଟ୍ୟ ସଂସ୍ଥା 'ତରଙ୍ଗ ରଙ୍ଗ' ପକ୍ଷରୁ ଚଳିତ ବର୍ଷ ସ୍ଥାନୀୟ ବିଜୟ କ୍ଲବ ପରିସରରେ ମଞ୍ଚ କଳାକାରମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ତରଙ୍ଗ ରଙ୍ଗ ଅନୁଷ୍ଠାନ ସଭାପତି ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କ୍ରିଏଟିଭ ଆର୍ଟସ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, ବିଶିଷ୍ଟ ନାଟ୍ୟଶିଳ୍ପି ମନୋଜ ପାଢ଼ୀ ମଞ୍ଚାସୀନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଚ କଳାକାରମାନଙ୍କ ମଧ୍ୟରେ 'ପୁରତାନ ନାଟକ ଶୈଳୀ ଓ ଅଧୁନା ଦର୍ଶକଙ୍କ ରୁଚୀ' ବିଷୟ କୁ ନେଇ ଏକ ସୁନ୍ଦର ଆଲୋଚନା ହୋଇଥିଲା। ଏଥିରେ ମଞ୍ଚ ଅଭିନେତା ଏମ. ପୃଥିବୀ ରାଜ, ଅମୂଲ୍ୟ ପାଣିଗ୍ରାହୀ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସତ୍ୟ ପଢ଼ୀୟାରୀ, ହରିହର ପଟ୍ଟନାୟକ ପ୍ରମୁଖ ନିଜ ମତ ଉପସ୍ଥାପନା କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଂଚ ଅଭିନେତା ଆଦର୍ଶ ଦାସ ଚଳିତ ବର୍ଷର ବିଶ୍ୱ ନାଟ୍ୟ ବାର୍ତ୍ତା ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବାଳକୃଷ୍ଣ ପାଣିଗ୍ରାହୀ, କାମଦେବ ପାଢ଼ୀ, ଶିବ ପ୍ରଧାନ, ସୁଜିତ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

## ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡ

ଦିଗପହଣ୍ଡି,୨୮।୩(ଅଶେଷ ନାଥ ମିଶ୍ର)- ୨୦୦୭ର ଏକ ଚୋରି ମାମଲାର ବୃତାନ୍ତ ରାୟ ପ୍ରକାଶ କରି ଗୁରୁବାର ଦିଗପହଣ୍ଡି ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୁହାଳପୁର ଗ୍ରାମର ପ୍ରମିଳା ପ୍ରଧାନଙ୍କ ଘରୁ ୨୦୦୭ ଅକ୍ଟୋବର ୪ ତାରିଖ ରାତ୍ରିରେ ନଗଦ ପ୍ରାୟ ୪ ଲକ୍ଷ ଟଙ୍କା ଚୋରି ହୋଇଥିଲା। ବିଭିନ୍ନ ସମୟରେ ଘରକୁ ଆସୁଥିବା ସେହି ଗ୍ରାମର ପ୍ରକାଶ ପ୍ରଧାନ ଓ ତାଙ୍କର ଦୁଇ ପୁଅଙ୍କ ଉପରେ ମହିଳା ଜଣକ ସନ୍ଦେହ କରି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲା କ୍ରମେ ତତ୍କାଳୀନ ଥାନାଧିକାରୀ ରାମଚନ୍ଦ୍ର ସାହୁ ନଂ. ୧୨୬/୦୭ରେ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ପ୍ରକାଶଙ୍କ ପୁଅ ରାଜୀବ ଓରଫ ହରିଶ୍ଚନ୍ଦ୍ର ପ୍ରଧାନ ସେହି ଟଙ୍କା ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିବା ସହ ଚୋରି ଟଙ୍କା ମଧ୍ୟ ଉଦ୍ଧାର କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ରାମଚନ୍ଦ୍ର ସାହୁ ଅଭିଯୁକ୍ତ ରାଜୀବଙ୍କ ବିରୋଧରେ ଦିଗପହଣ୍ଡି କୋର୍ଟରେ ଚାର୍ଜସିଟ ଦାଖଲ କରିବା ପରେ ୫ ଜଣ ସାକ୍ଷୀଙ୍କ ବୟାନ ଲିପିବଦ୍ଧ କରାଯାଇଥିଲା। ପରେ ଉଭୟ ପକ୍ଷ ନିଜ ନିଜ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ମଧ୍ୟ ସମସ୍ତ ସାକ୍ଷ୍ୟପ୍ରମାଣ ଏବଂ ବୟାନକୁ ଭିତ୍ତି କରି ମାଜିଷ୍ଟ୍ରେଟ ଏହି ରାୟ ପ୍ରକାଶ କରିଥିଲେ। ମାମଲାରେ ମହିଳାଙ୍କ ପକ୍ଷରୁ ସରକାରୀ ଓକିଲ ନକୁଳ ପ୍ରଧାନ ଓ କ୍ୟାଡର ଏପିପି ବିପ୍ଳବ କୁମାର ମୁଦୁଲି ମାମଲା ପରିଚାଳନା କରିଥିଲେ।

## ମୋର ପ୍ରଥମ ଭୋଟ ଦେଶ ପାଇଁ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଜି.ଉଦୟଗିରି,୨୮।୩(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ତରଫରୁ ଗୁରୁବାର ଛାତ୍ରୀଛାତ୍ରମାନଙ୍କୁ ମୋର ପ୍ରଥମ ଭୋଟ ଦେଶ ପାଇଁ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଅଧ୍ୟକ୍ଷ ଇଂରାଜୀ ବିଭାଗ ଅଧ୍ୟାପକ ତପନଚନ୍ଦ୍ର ନାୟକ ଏବଂ ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗର ଅଧ୍ୟାପକ ବିନାୟକ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଗଣିତ ବିଭାଗର ଅଧ୍ୟାପିକା ଅନିତା ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ୟୁନିଟ୍ ୨ର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଅଧ୍ୟାପିକା ସରିତା ମିଶ୍ର ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡି ପ୍ରାର୍ଥୀ ଘୋଷଣା ନ ହେଉଣୁ ଅସନ୍ତୋଷ

ମୋହନା,୨୮।୩(ମନ୍ମଥ ମିଶ୍ର)
ମୋହନା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷଣା ନ ହେଉଣୁ ସମସ୍ତ ଆଶାୟୀ ପ୍ରାର୍ଥୀ ଦଳର ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କୁ ବିରୋଧ କରିଛନ୍ତି। ଗୁରୁବାର ମୋହନା ବିଜୁ କଲ୍ୟାଣ ମଣ୍ଡପଠାରେ କେତେଜଣ ଟାଣୁଆ ନେତା ଓ କର୍ମୀ ଏକାଠି ହୋଇ ଖବରଦାତା ସମ୍ମିଳନୀ ମାଧ୍ୟମରେ ସେମାନଙ୍କ ଅସନ୍ତୋଷ ଜାହିର କରିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ବିଜେଡିର ଅନେକ ଆଶାୟୀ ପ୍ରାର୍ଥୀ ଥିବାବେଳେ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ପୂର୍ଣ୍ଣବାସୀ ନାୟକ କିମ୍ବା ତାଙ୍କ ସ୍ୱାମୀ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କୁ ପୁଣି ଥରେ ଟିକେଟ ନ ଦିଆଯାଉ ବୋଲି ଅନେକ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି । ମୋହନା ନିର୍ବାଚନ ମଣ୍ଡଳୀ ଆଦିବାସୀଙ୍କ ପାଇଁ ସଂରକ୍ଷିତ ଥିବା ବେଳେ କୁଇ କନ୍ଧ, ସୌରା ଓ ମାଳା ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଲୋକଙ୍କୁ ଟିକେଟ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଯଦି ଅନ୍ତର୍ଯ୍ୟାମୀ କିମ୍ବା ତାଙ୍କ ପରିବାରର କାହାକୁ ଟିକେଟ ଦିଆଯାଏ ତା'ହେଲେ ବହୁ ବ୍ୟବଧାନରେ ବିଜେଡି ହାରିବ ବୋଲି ଆଶାୟୀ ପ୍ରାର୍ଥୀ ମୋଷା ମାଝୀ କହିବା ସହ ଆଗାମୀ ନିର୍ବାଚନରେ ସମୂହ ଦଳ ଛାଡ଼ିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି। ବିଜେଡ଼ିର ବହୁ ବରିଷ୍ଠ କର୍ମକର୍ତ୍ତା ରାୟଗଡ଼ ବ୍ଲକର ଟିକୁ ସାହୁ, ନୂଆଗଡ ବ୍ଲକର ବିଜେଡି ସଭାପତି ଯୋହନ ମାଝୀ, ଏମ୍‌ପି ପ୍ରତିନିଧି ରିଙ୍କୁ ପାଣି, ଆର.ଉଦୟଗିରି ବ୍ଲକର ବିଜେଡିର ସମ୍ପାଦକ ଏକେଶ୍ୱର ମହାଙ୍କୁଡ, ମୋହନା ବ୍ଲକର ଏମ୍‌ପି ପ୍ରତିନିଧି ଭାସ୍କର ସାହୁ, ଏସଡିସି ସଦସ୍ୟ ହାଡ଼ିଆ କନ୍ଧ, ବିଜେଡିର ପୂର୍ବତନ ସରପଞ୍ଚ ମୋସା ମାଝୀ, ମାଣ୍ଡିମେରା ପଞ୍ଚାୟତର ଆଦିବାସୀ ଯୁବନେତା ଶ୍ରୀକାନ୍ତ ମଲ୍ଲିକ, ଉତ୍କଳ ପାଣ ଖ୍ରୀଷ୍ଟିଆନ ସଭାପତି ଅଭୟ ପରିଚ୍ଛା, ଯୁବନେତା ଅନୁକ ଶବର, ବିରିକୋଟ ସମିତିସଭ୍ୟ ନାଥନ ଗମାଙ୍ଗ, ନାଏବ ସରପଞ୍ଚ ପାଉଲ ଦଳବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟ ତଥା କୃଷକ ନେତା ଉମା ଚରଣ ସାହୁ ଓ ବିଭିନ୍ନ ବ୍ଲକର କର୍ମୀମାନେ ଉଚିତ୍ ଲୋକଙ୍କୁ ଟିକେଟ ଦେବାପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ନିବେଦନ କରିଛନ୍ତି।



ମୋହନା ବିଜୁ କଲ୍ୟାଣ ମଣ୍ଡପଠାରେ ଏକାଠି ହୋଇଥିବା କର୍ମୀ ଓ ବିଧାୟକ ଆଶାୟୀ ପ୍ରାର୍ଥୀ।

**ମୋହନା ନିର୍ବାଚନମଣ୍ଡଳୀ**

## ସଂକ୍ଷେପରେ

## ନକଲି ଏମ୍‌କେସିଜି ପରିଚୟପତ୍ର ଦେଖାଇ ତଥ୍ୟ ସଂଗ୍ରହ

ବ୍ରହ୍ମପୁର,୨୮।୩(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲର ପରିଚୟପତ୍ରକୁ ନେଇ ଜାଲିଆତି ହୋଇଥିବା ସାମନାକୁ ଆସିଛି। ଏହା ଜଣାପଡ଼ିବା ପରେ ହିଞ୍ଜିଳିକାଟୁ ଥାନା ରାଳବ ଗ୍ରାମବାସୀ ପୋଲିସର ହସ୍ତକ୍ଷେପ ଦାବି କରିଛନ୍ତି। କେତେଜଣ ଯୁବତୀଯୁବକ ନିଜକୁ ଏମକେସିଜି ମେଡିକାଲ କଲେଜରୁ ଆସିଥିବା କହି ଗୁରୁବାର ରାଳବ ଗାଁରେ ପହଞ୍ଚି ନିଜ ପରିଚୟପତ୍ର ଦେଖାଇ ତଥ୍ୟ ସଂଗ୍ରହ କରୁଥିଲେ। ଏହି ପରିଚୟ ପତ୍ରରେ ମେଡିକାଲ ଆଟେଣ୍ଡାଣ୍ଟ ଲେଖା ହୋଇଥିଲା। ମାଗଣାରେ ଚିକିତ୍ସା ସୁବିଧା ସହିତ ଅନ୍ୟାନ୍ୟ ସୁବିଧା ମିଳିବ ବୋଲି କହି ଲୋକଙ୍କ ନାମ, ଠିକଣା ସହିତ ଅନେକ ତଥ୍ୟ ସଂଗ୍ରହ କରିଥିଲେ। ସନ୍ଦେହ ହେବାରୁ ପରିଚୟପତ୍ର ଦେଖିଥିଲେ ଗ୍ରାମବାସୀ। ସେଥିରେ ଲେଖାଯାଇଥିବା ତଥ୍ୟରେ କୌଣସି ତାଳମେଳ ନ ଥିବା ଜଣାପଡିଥିଲା। ଆଟେଣ୍ଡାଣ୍ଟଙ୍କ କାର୍ଡରେ ଡାକ୍ତରଙ୍କ ନାମ ଲେଖାଥିଲା। ଗ୍ରାମବାସୀଙ୍କ ପ୍ରଶ୍ନର ସଠିକ ଉତ୍ତର ଦେଇ ନପାରି ସେଠାରୁ ସେମାନେ ଚାଲି ଯାଇଥିଲେ। କିନ୍ତୁ ଏମକେସିଜି ତରଫରୁ ସେଭଳି କୌଣସି ପରିଚୟପତ୍ର ଜାରି କରାଯାଇ ନଥିବା ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ, ୪ଗିରଫ

ବ୍ରହ୍ମପୁର, ୨୮।୩(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଟାଉନ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବି.ଲକ୍ଷ୍ମଣ ରାଓ, ପି. ରାଜା, ବି. ଜଗଦୀଶ ଓରଫ ଜଗୁ ଓ ଶିବ ଦାଶ। ସମସ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏଥିରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚେଷ୍ଟା କରୁଛି। ଗତ ୨୬ ତାରିଖ ରାତି ପ୍ରାୟ ସାଢ଼େ ୮ଟାରେ ଦଲୁଆ ସାହିର ସାନ୍ତନୁ କୁମାର ପାଣି ଚର୍ଚ୍ଚ ରୋଡ ଦେଇ ଘରକୁ ଫେରୁଥିଲେ। ରାସ୍ତାରେ ଜଣେ ବନ୍ଧୁ ଭେଟିବାରୁ ତାଙ୍କ ସହ ସେ କଥା ହେଉଥିଲେ। ଏହି ସମୟରେ ୭/୮ ଜଣ ଯୁବକ ଆସି ତାଙ୍କ ସାଙ୍ଗଙ୍କ ସହ ଝଗଡା କରିଥିଲେ। ପ୍ରତିବାଦ କରିବାରୁ ସେମାନେ ମଦ ବୋତଲରେ ସାନ୍ତନୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଅଭିଯୁକ୍ତମାନେ ସେଠାରେ କିଛି ସମୟ ଧରି ଆତଙ୍କ ଖେଳାଇ ଚମ୍ପଟ ମାରିଥିଲେ। ଚିକିତ୍ସା ପରେ ସାନ୍ତନୁ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୧୫/୨୪ ରେ ଏକ ମାମଲା ରୁଜୁ କରିଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା।

# ଜଳସାଥୀ ସମ୍ଭାଳିବେ ବିଶୋଧନାଗାର

ବ୍ରହ୍ମପୁର,୨୮।୩(ଅଶୋକ କୁମାର ସାହୁ):

ରାଜ୍ୟ ଜଳ ନିଗମ (ୱାଟକୋ) ପକ୍ଷରୁ ବ୍ରହ୍ମପୁର ସହରରେ ୨୪ ଘଣ୍ଟିଆ ଜଳଯୋଗାଣ ଜାରି ରହିଛି। ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସେବା ମାସେ ହେଲା ଉଦଘାଟିତ ହୋଇଛି। ଜଳଟିକସ ଆଦାୟ କରିବା ଦାୟିତ୍ୱ ଜଳସାଥୀମାନଙ୍କୁ ଦିଆଯାଇଥିବାବେଳେ ଏବେ ସରକାର ଜଳ ବିଶୋଧନାଗାର ସମ୍ଭାଳିବା ଦାୟିତ୍ୱ ସେମାନଙ୍କୁ ଦେଇଛନ୍ତି, ଯାହାକି ଓଡ଼ିଶାରେ ପ୍ରଥମ ବୋଲି ୱାଟକୋ ପକ୍ଷରୁ ସୂଚନା ମିଳିଛି।

ଜାନିବିଲି ମେଗା ଜଳ ଯୋଗାଣ ପ୍ରକଳ୍ପରୁ ସହରକୁ ଜଳ ଯୋଗାଣ ହେଉଛି। ଏଥିପାଇଁ ଜିଲାର ଦକ୍ଷିଣପୁର ଓ ଜଗଦଳପୁରରେ ଦୁଇଟି ଜଳ ବିଶୋଧନାଗାର ରହିଛି। ଦକ୍ଷିଣପୁର ପ୍ଲାଣ୍ଟରେ ଦିନକୁ ୩୦ ମିଲିୟନ ଲିଟର

### ଭୁବନେଶ୍ୱରରେ ତାଲିମ ନେଇ ଫେରିଲେ ୩୦

ପାଣି ବିଶୋଧନ ହେଉଥିବାବେଳେ ଜଗଦଳପୁର ପ୍ଲାଣ୍ଟରେ ଦିନକୁ ୬୦ ମିଲିୟନ ଲିଟର ଜଳ ବିଶୋଧନ ହୋଇପାରୁଛି। ଦକ୍ଷିଣ ଓଡ଼ିଶାର ଏହା ସର୍ବବୃହତ ପ୍ଲାଣ୍ଟ ବୋଲି କୁହାଯାଉଛି। ଏହି ଦୁଇ ପ୍ଲାଣ୍ଟରେ ଜଳ ବିଶୋଧନ କରାଯାଇ ସହରକୁ ଯୋଗାଣ କରାଯାଉଛି। ୱାଟକୋ ପକ୍ଷରୁ ସହରରେ ଅଟୋମେଶନ ପ୍ରକଳ୍ପ ଜରିଆରେ ୫୫ ହଜାର୨୬୧ ପରିବାରକୁ ପାଇପ ଜଳ ଯୋଗାଣ କରାଯାଉଛି। ତେବେ ସମ୍ପୃକ୍ତ ପରିବାରକୁ କିଭଳି ବିଶୁଦ୍ଧ ଜଳ ଯୋଗାଣ କରାଯିବ ସେଥିପାଇଁ ୱାଟକୋ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ମିଳିତ ଭାବେ ଆଉ ଏକ ପଦକ୍ଷେପ ନିଆଯାଇଛି। ପୂର୍ବରୁ ଏଲ ଆଣ୍ଡ ଟି କମ୍ପାନୀ ହାତରେ ଥିବା ବିଶୋଧନାଗାର ପରିଚାଳନା ଦାୟିତ୍ୱ ମିଶନଶକ୍ତିକୁ ଅର୍ପଣ କରାଯାଇଛି। ମିଶନଶକ୍ତିରେ ଜଡିତ ସିଟି ଲେଭଲ ଫେଡେରେଶନ (ସିଏଲଏଫ) 'ଅଗ୍ରତା' ସହ କେବଳ ଜଗଦଳପୁର ଜଳ ବିଶୋଧନାଗାରର ପରିଚାଳନା ନେଇ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ବିଏମ୍‌ସି ପକ୍ଷରୁ ନିଯୁକ୍ତ ଜଳସାଥୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବ। ସହରରେ ଥିବା ୫୮ ଜଳସାଥିଙ୍କ ମଧ୍ୟରୁ ୩୦ ଜଣଙ୍କୁ ଏନେଇ ତାଲିମ ଦିଆଯାଇଛି। ଗତ ୧୧ ତାରିଖରେ ଜଳସାଥୀମାନେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଅର୍ବାନ ଏକାଡେମୀକୁ ଯାଇ ୧୨ ଦିନିଆ ତାଲିମ ନେଇ ଗତ ୨୩ ତାରିଖ ବ୍ରହ୍ମପୁର ଫେରିଛନ୍ତି। ଏ ସଂକ୍ରାନ୍ତରେ 'ଅଗ୍ରତା'ର ସଭାନେତ୍ରୀ ଭାଗ୍ୟଶ୍ରୀ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଚଳିତ ମାସରେ କେବଳ ଜଗଦଳପୁର ଜଳ ବିଶୋଧନାଗାରର ଦାୟିତ୍ୱ ମିଳିଛି। ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର, ୱାଟକୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ପ୍ରଦୀପ୍ତ କୁମାର ସ୍ୱାଇଁ, ଚିଫ ଅପରେଟିଂ ଅଫିସର ଇଂ. ସୀତାରାମ ପଣ୍ଡା, ଜେନେରାଲ ମ୍ୟାନେଜର ଇଂ. ବିକାଶ ଚନ୍ଦ୍ର ପାଢ଼ୀ ଓ ଅଗ୍ରତାର ସମ୍ପାଦିକା ବବିତା ପାଢ଼ୀଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ସରକାର ମିଶନ ଶକ୍ତି ମହିଳାମାନଙ୍କୁ କିଭଳି ସଶକ୍ତ କରିବେ ସେଥିନେଇ ପଦକ୍ଷେପ ନେଉଛନ୍ତି। ଉକ୍ତ କାର୍ଯ୍ୟ ପାଇଁ ଜଳସାଥୀମାନଙ୍କୁ ୱାଟକୋ ପକ୍ଷରୁ ଯାହା ପାରିଶ୍ରମିକ ମିଳିବ ତାହା ଅଗ୍ରତା ଜରିଆରେ ସେମାନଙ୍କୁ ପୈଠ କରାଯିବ ବୋଲି ସୂଚନା ଦେଇଛନ୍ତି। ସରକାର ଏତେ ବଡ ଦାୟିତ୍ୱ ଦେଇଥିବାରୁ ତାହା କିଭଳି ସୁଚାରୁ ରୂପେ ପରିଚାଳନା କରାଯିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

## ଘୋଡ଼ାହାଡ଼ ନଦୀ ବାଲି ଲିଜ୍ ବାତିଲ ଦାବି

ବ୍ରହ୍ମପୁର,୨୮।୩(ସ୍ମୃତି ରଞ୍ଜନ ମହାଲିକ)

ଦିଗପହଣ୍ଡି ତହସିଲ ଫାସିଗୁଡା ଗ୍ରାମବାସୀ ଜୀବନ ଜୀବିକା ସୁରକ୍ଷା ପାଇଁ ଘୋଡାହାଡ ନଦୀରେ ଗାର୍ଡୱାଲ ନିର୍ମାଣ ସହ ବାଲି ଲିଜ ବାତିଲ କରିବାକୁ ଦାବି କରିଛନ୍ତି। ଗୁରୁବାର ଗ୍ରାମବାସୀ ଆମ୍ଭପୁଆ ସ୍ଥିତ ଖଣି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ବାଙ୍ଗରଡା ରାଜସ୍ୱ ସର୍କଲ ଅଧୀନ ସୌରା ପାହାଡ ତଥା ନଦୀର ଉପର ଭାଗରେ ଗ୍ରାମର ପ୍ରାୟ ୫୦ ହେକ୍ଟର ଜମି ରହିଛି। ସେହି ଜମିରେ ମାଣ୍ଡିଆ, ରାଶି, ଚିନାବାଦାମ ଓ କାନ୍ଦୁଲ ଆଦି ଚାଷ କରି ଗ୍ରାମବାସୀ ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ଜମି ପାର୍ଶ୍ୱରୁ ବାଲି



ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଗ୍ରାମବାସୀ।

ବାହାର କରାଯିବା କାରଣରୁ ବର୍ତ୍ତମାନ ଅଧିକାଂଶ ଜମି ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ୟପଟେ ଗ୍ରାମବାସୀଙ୍କ ବିନା ଅନୁମତିରେ ଖଣି ବିଭାଗ ଉକ୍ତ ସ୍ଥାନରୁ ବାଲି ଲିଜ ପାଇଁ ଟେଣ୍ଡର ବାହାର କରିଛି। ଏଣୁ ଉକ୍ତ ଟେଣ୍ଡରକୁ ତୁରନ୍ତ ବାତିଲ କରିବା ସହ ନଦୀ ଶଯ୍ୟା ପାର୍ଶ୍ୱରେ ଗାର୍ଡ ୱାଲ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ମହିଳାଙ୍କୁ ଅସଦାଚରଣ ମାମଲା, ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ

ପୋଲସରା,୨୮।୩(ସୁବ୍ରତ ବେହେରା)

ପୋଲସରା ମନ୍ଦାର ଗ୍ରାମର ଜଣେ ମହିଳାଙ୍କୁ ୨୦୦୯ରେ ଅସଦାଚରଣ କରିବା ମାମଲାର ବିଚାର କରି ଜେ.ଏମ.ଏଫ.ସି ଦିପ୍ତିମୟୀ ଗୁରୁବାର ଅଭିଯୁକ୍ତ ମଙ୍ଗୁଳଧର ନାୟକଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦୦୦ ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତା ଜଣକ ଅସଦାଚରଣର ଶିକାର ହୋଇଥିବା ନେଇ ୨୮/୦୫/୨୦୦୯ ତାରିଖରେ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ମହିଳାଙ୍କ ଏତଲା କ୍ରମେ ପୋଲିସ ତଦନ୍ତ କରି ୩୦/୦୭/୨୦୦୯ରେ ଏକ ଚାର୍ଜଶିଟ କୋର୍ଟରେ ଦାଖଲ କରିଥିଲା। ଚାରି ଜଣ ସାକ୍ଷୀ ଓ ଅନ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉକ୍ତ ରାୟ ଶୁଣାଇଛନ୍ତି। ଏହି ମକଦ୍ଦମାକୁ ସରକାରଙ୍କ ପକ୍ଷରୁ କ୍ୟାଡ଼ର ଏପିପି ଅବଦେସ ପଟ୍ଟନାୟକ ଓ ଏପିପି ରତ୍ନାକର ମହାନ୍ତି ପରିଚାଳନା କରିଥିଲେ।

## ମା' ରମାୟାଣାମ୍ମା ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

ଛତ୍ରପୁର,୨୮।୩(ସନ୍ତୋଷ ପାଢ଼ୀ)

ଛତ୍ରପୁରର ଗ୍ରାମଦେବୀ ମା' ରମାୟାଣାମ୍ମା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଛତ୍ରପୁରର ଠାକୁରାଣୀଙ୍କଠାରୁ ଆଜ୍ଞାମାଳ ନିମନ୍ତେ ପୂଜାର୍ଚ୍ଚନା କରାଯାଇଛି। ନୀଳକଣ୍ଠେଶ୍ୱର ସାହିସ୍ଥିତ ମା'ଙ୍କ ଅସ୍ଥାୟୀ ମଣ୍ଡପଠାରେ ରୀତିନୀତି ଅନୁସାରେ ପୂଜା କରାଯାଇ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ପ୍ରାରମ୍ଭରେ ପାରମ୍ପରିକ ରୀତିନୀତି ଅନୁସାରେ ଏକ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ସହର ପରିକ୍ରମା କରି ମା'ଙ୍କ ମନ୍ଦିର ନିକଟରେ ପହଞ୍ଚି ପୂଜା କରିଥିଲେ। ଯାତ୍ରା କମିଟିର ମ୍ୟାନେଜର ସିଏଚ. ଦୟାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ସମସ୍ତ କମିଟିର କର୍ମକର୍ତ୍ତା ଓ ସଦସ୍ୟ ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ଶ୍ରଦ୍ଧାଳୁ ଏଥିରେ ସହଯୋଗ କରିଥିଲେ। ଭାଇସ୍ ମ୍ୟାନେଜର ଏମ୍. ସମରେନ୍ଦ୍ର ସେନାପତି, କୋଷାଧ୍ୟକ୍ଷ ପି. ରାଜୁ, ଆଇନ୍ ପରାମର୍ଶଦାତା ଆଇନଜୀବୀ ବି. ଶ୍ରୀନିବାସ, ଉପଦେଷ୍ଟା ମଣ୍ଡଳୀ ଭାବେ କେ. ଚନ୍ଦ୍ର ଶେଖର ରେଡ୍ଡୀ, ସି.ଏଚ୍.ପୂର୍ଣ୍ଣ କୁମାର୍ ଏବଂ ମନ୍ଦିର କମିଟି ସଭାପତି ଭି. ତ୍ରିନାଥ ରାଓ ସର୍ବ ସମ୍ମତିକ୍ରମେ ମନୋନୀତ ହେଇଛନ୍ତି । ଚଳିତ ବର୍ଷ ଯାତ୍ରା ଜାକଜମକରେ ପାଳନ କରାଯିବା ନିମନ୍ତେ ସକ୍ରିୟ ଯାତ୍ରା କମିଟି ଗଠନ କରାଯାଇଛି।

## ନାତୁଣୀଙ୍କୁ ଅସଦାଚରଣ ମାମଲା, ଅଜା ନିର୍ଦ୍ଦୋଷ

ବ୍ରହ୍ମପୁର, ୨୮।୩(ସୁବାସ ଚନ୍ଦ୍ର ପାଢ଼ୀ):

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ଏକ ନାବାଳିକା ଅସଦାଚାରଣ ମାମଲାର ରାୟ ଗୁରୁବାର ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସମ୍ପର୍କୀୟ ଅଜା ଗୋସାଣିନୂଆଗାଁ ଥାନା ଅଞ୍ଚଳର ନିତ୍ୟାନନ୍ଦ ପଣ୍ଡା(୬୦)ଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୫ଶ୍ରେଣୀରେ ପଢୁଥିବା ଛାତ୍ରୀ ତାଙ୍କ ଅଜା ଘରକୁ ଯାଇଥିଲେ। ୨୦୨୧ ଅକ୍ଟୋବର ୨୮ତାରିଖ ସକାଳେ ଅଜା ଘରେ କାମ କରୁଥିବା ଚାକରାଣୀ ସହ ଘର ଛାତ ଉପରକୁ ଲୁଗାପଟା ଶୁଖାଇବାକୁ ଯାଇଥିଲେ। ନିତ୍ୟାନନ୍ଦ ଉକ୍ତ ଛାତ ଉପରେ ପୂର୍ବରୁ ଥିବା ନାତୁଣୀଙ୍କୁ ଦେଖି ତାଙ୍କୁ ଟଣାଓଟରା କରିଥିଲେ। କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଛାତ୍ରୀ ଚିତ୍କାର କରି ଦୌଡ଼ି ତଳକୁ ଚାଲି ଆସିଥିଲେ। ପରେ ସେ ଚୁପଚାପ ରହୁଥିବାରୁ କ'ଣ ହୋଇଛି ବୋଲି ମା' ପଚାରିବାରୁ ସବୁ କଥା କହିଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୧୬୨/୨୧ ରେ ନିତ୍ୟାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଚାର୍ଜଶିଟ ଓ ୧୦ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପୀତାବସ ପଣ୍ଡା ଓ ବିରଞ୍ଚି ନାରାୟଣ ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

## ପୁରୀରୁ ଫେରୁଥିବା ବୃଦ୍ଧଙ୍କ ମୃତ୍ୟୁ

ବ୍ରହ୍ମପୁର,୨୮।୩(ସୁବାସ ଚନ୍ଦ୍ର ପାଢ଼ୀ)

ପୁରୀରୁ ଜଗନ୍ନାଥ ଦର୍ଶନ ସାରି ଫେରୁଥିବା ବେଳେ ଜଣେ ରେଳଯାତ୍ରୀଙ୍କ ବୁଧବାର ମେଡିକାଲରେ ଜୀବନ ଯାଇଛି। ସେ ହେଲେ ଆନ୍ଧ୍ରପ୍ରଦେଶ ପଶ୍ଚିମ ଗୋଦାବରୀ କୋଡ଼ପଲିଗଡମର ଡ଼ି. ସୀତାରାମଲୁ (୭୬)। ସୀତାରାମୁଲୁ , ତାଙ୍କ ସ୍ତ୍ରୀ, ଭାଇ ଏମ . ଭି. ସୁବ୍ରମଣ୍ୟମ ଓ ନାତିମାନଙ୍କ ସହ କିଛିଦିନ ତଳେ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଇଥିଲେ। ସେଠାରୁ ସେମାନେ ପୁରୀ–ତିରୁପତି ଟ୍ରେନରେ ବୁଧବାର ଘରକୁ ଫେରୁଥିଲେ। ରାସ୍ତାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସୀତାରାମଲୁଙ୍କୁ ବ୍ରହ୍ମପୁର ରେଳଷ୍ଟେଶନରୁ ଏମକେସିଜି ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଲୱେ ପୋଲିସ ଗୁରୁବାର ମୃତଦେହ ଜବତ କରିଛି। ଏ ନେଇ ନଂ.୨୩/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଦର୍ଶକଙ୍କ ମନ ମୋହିଲା ନାଟକ 'ଉଦ୍‌ଘାଟନ'

ବ୍ରହ୍ମପୁର,୨୭।୩(ସ୍ମୃତି ରଞ୍ଜନ ମହାଲିକ)

ବିଶ୍ୱ ନାଟ୍ୟ ଦିବସ ଅବସରରେ ଉତ୍କଳ ଆଶ୍ରମ ମୁକ୍ତ ମଞ୍ଚରେ ନାଟକ 'ଉଦଘାଟନ' ମଞ୍ଚସ୍ଥ ହୋଇଛି। ଡ. ମିହିର ତ୍ରିପାଠୀଙ୍କ ରଚିତ ଓ ଏନ ରାମ ବାବୁଙ୍କ ନିର୍ଦ୍ଦେଶିତ ଏହି ନାଟକଟି ଦର୍ଶକଙ୍କ ମନ ମୋହିଛି। ଆଜି ମଣିଷ ଗୋଟିଏ ପଟେ ଶିକ୍ଷା, ସଂସ୍କୃତି ଓ ବିଜ୍ଞାନ କ୍ଷେତ୍ରରେ ଉପରକୁ ଉଠୁଥିବା ବେଳେ ଅନ୍ୟ ପାର୍ଶ୍ୱରେ ସ୍ୱାର୍ଥ କୈନ୍ଦ୍ରିକ ଓ ଅର୍ଥ ଲୋଭୀ ହୋଇ ତଳକୁ ଚାଲିଯାଉଛି। ଏଠି ତେଲିଆ ମୁଣ୍ଡରେ ତେଲ, ଖଟିଖିଆ ମଜୁରିଆ କଥା ବୁଝୁଛି କିଏ। ମଣିଷ ଏତେ ତଳକୁ ଖସି ଗଲାଣି ଯେ, ମହାତ୍ମା ଗାନ୍ଧୀଙ୍କ ନାମରେ ସାଧାରଣ ଖଟିଖିଆ କଳାକାରଟିର ଜୀବନ ନେବାକୁ ମଧ୍ୟ ପଛାଏ ନାହିଁ। ଏମିତି ଘଟଣାବଳୀକୁ ନେଇ ନାଟକ ପରିବେଷିତ ହୋଇଥିଲା। ମୁକୁନ୍ଦ ସାହୁ ଓ ବୁଲୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଚକାଡୋଳା ଚିତ୍ରାଳୟ ମଞ୍ଚ ସଜା କରିଥିଲା। ଡ ମିହିର ତ୍ରିପାଠୀ, ଗିରିଜା ଶଙ୍କର ଦାସ, ଇଂ ମନୋଜ ଦଣ୍ଡପାଟ, ନଳିନୀ ଗୌଡ, ଯାଦୁଗର କୁମାର, ଆରତୀ ପାତ୍ର, କୈଳାସ


ନାଟକର ଏକ ଦୃଶ୍ୟ।

ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ପ୍ରାରମ୍ଭରେ ମଞ୍ଚର ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ବିଶିଷ୍ଟ ସାହିତ୍ୟିକ ଇଂ ଜାମିନୀକାନ୍ତ ଦାସ, ସଂଗୀତ ନାଟକ ଏକାଡେମୀ ସଦସ୍ୟ ଜଗଦୀଶ ପାଣିଗ୍ରାହୀ, ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଡ ସିଦ୍ଧାର୍ଥ ଶଙ୍କର ପାଢି ପ୍ରମୁଖ ଅତିଥି ଥିଲେ। ଏହି ଅବସରରେ ନାଟ୍ୟକାର ମେଜର ରମାରମଣ ପାଢି, କିରଣ ବାଳା ମିଶ୍ର, ମଦନ ମିଶ୍ର, ରମେଶ ମହାରଣା, ଡା ତିରୁପତି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚର ଉପସଭାପତି ରାଜ ଗୋପାଳ ପାଢି ସଭା ପରିଚାଳନା କରିଥିଲେ। ଅନୀଲ କୁମାର ପାତ୍ର, ସୁନୀଲ ସ୍ୱାଇଁ ଓ ତ୍ରିପତି ନାୟକଙ୍କ ପ୍ରମୁଖ ସହଯୋଗ କରିଥିଲେ।

## ନବୀନଙ୍କ ପ୍ରାର୍ଥିତ୍ୱ ନେଇ ନେତା,କର୍ମୀଙ୍କ ଉତ୍ସାହ

ହିଞ୍ଜିଳିକାଟୁ/ଶେରଗଡ଼, ୨୮।୩ (ଦ୍ୱିତୀକୃଷ୍ଣ ପଣ୍ଡା/ ସୂର୍ଯ୍ୟନାରାୟଣ ଦାଶ):

ଲଗାତର ୬ଷ୍ଠ ଥର ପାଇଁ ହିଞ୍ଜିଳି ବିଧାନସଭା ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜେଡି ସୁପ୍ରିମୋ ପ୍ରାର୍ଥୀ ହେଉଥିବା ଘୋଷଣା ପରେ ଦଳ ପକ୍ଷରୁ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁବାର ହିଞ୍ଜିଳିକାଟୁ ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପୁଣି ହିଞ୍ଜିଳିରେ ନିର୍ବାଚନ ଲଢ଼ିବାକୁ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରାଯିବା ସହ ତାଙ୍କୁ ରେକର୍ଡ ସଂଖ୍ୟକ ଭୋଟରେ ଜିତାଇବା ପାଇଁ ଉଦ୍ୟମ କରାଯିବ ବୋଲି ଦଳୀୟ ନେତୃବୃନ୍ଦ କହିଥିଲେ। ଖବରଦାତା ସମ୍ମିଳନୀରେ ହିଞ୍ଜିଳିକାଟୁ ବ୍ଲକ ସଭାପତି ସୁରେନ୍ଦ୍ର ପ୍ରଧାନ, ଶେରଗଡ଼ ବ୍ଲକ ସଭାପତି ଶରତ ଚନ୍ଦ୍ର ପାତ୍ର, ଜିଲା ସାଧାରଣ

### ଖବରଦାତା ସମ୍ମିଳନୀ



ଖଦରଦାତା ସମ୍ମିଳନୀରେ ମଞ୍ଚାସୀନ ନେତୃମଣ୍ଡଳୀ।

ସମ୍ପାଦକ ତଥା ଗ୍ରୀଟ୍ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଯୁବ ସଭାପତି ସନ୍ତୋଷ ପଟ୍ଟନାୟକ, ସଞ୍ଜୟ ପଣ୍ଡା, ହିଞ୍ଜିଳିକାଟୁ ପୌରାଧ୍ୟକ୍ଷ ସୁବାସ ପଲେଇ, ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ଜିଲା ଉପସଭାପତି ଡି ବିଶ୍ୱନାଥ, ସବିତା ଚୌଧୁରୀ, ହୀନ ବେହେରା, ହୃଷୀକେଶ ପାଢୀ, ନୀଳମଣି ପଟ୍ଟନାୟକ, ପ୍ୟାରୀମୋହନ ପାଢୀ, ପ୍ରୀତି ସାହୁ, ସମୀର ପ୍ରଧାନ, ଚିତ୍ତ ରଞ୍ଜନ ପାଣିଗ୍ରାହୀ, ଦିଗମ୍ବର ନାହକ, ପ୍ରମୋଦ ପାତ୍ର, ଅଜୟ ମହାରଣା ବିପିନ ପାତ୍ର ପ୍ରମୁଖଙ୍କ ସହ ଶତାଧିକ ଦଳୀୟ ନେତା ଉପସ୍ଥିତ ଥିଲେ।

## ବ୍ୟବସାୟିକ କ୍ଷେତ୍ରରେ ଭାରତୀୟ ଶିକ୍ଷା ପଦ୍ଧତି ଶୀର୍ଷକ କର୍ମଶାଳା


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛତ୍ର।

ବ୍ରହ୍ମପୁର,୨୮।୩(ତନୁଶ୍ରୀ ନାହକ):

ଜାତୀୟ ସେବା ଯୋଜନା ଶାଖା, କ୍ୟାରିୟର ଓ କାଉନସେଲିଂ ସେଲ ଏବଂ ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁରୁବାର ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ମଧ୍ୟପ୍ରଦେଶ ଗୋଆଲିଅରସ୍ଥିତ ଏବିଭି ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନର ଆସୋସିଏଟ ପ୍ରଫେସର ଡଃ ମନୋଜ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟବସାୟିକ ଶିକ୍ଷା କ୍ଷେତ୍ରରେ ଭାରତୀୟ ଶିକ୍ଷା ପଦ୍ଧତିର ମହତ୍ତ୍ୱ ପ୍ରସଙ୍ଗ ଉପରେ କହିଥିଲେ। ପ୍ରାଚୀନ ଭାରତୀୟ ଶିକ୍ଷା ପଦ୍ଧତିର ମୂଳଦଣ୍ଡ ବିଦ୍ୟା, ବିବେକ ଓ ବିଚକ୍ଷଣତାକୁ ଆସନ୍ନ କରି କିପରି ଆଧୁନିକ ଶିକ୍ଷା ପଦ୍ଧତି ଯୁବପିଢୀଙ୍କୁ ସଫଳତା ଦେଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପ୍ରଫେସର ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନେ ଯୋଗ ଦେଇଥିଲେ। ସ୍ନାତକ ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଓ ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ଜୟନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କର୍ମଶାଳାରେ ଡଃ ମହେଶ୍ୱର ସେଠୀ, ଡଃ ଚନ୍ଦ୍ରିକା ପ୍ରସାଦ ଦାଶ, ଡ. ଶଙ୍କର୍ଷଣ ମଲ୍ଲିକ, ଶକ୍ତି ରଞ୍ଜନ ଦାଶ, ସଞ୍ଜୟ ମେହେର, ଡଃ ସନ୍ଦୀପ କୁମାର ଦାଶ ସହଯୋଗ କରିଥିଲେ।

## ସରକାର ପରିବର୍ତ୍ତନ ପାଇଁ ସଂକଳ୍ପବଦ୍ଧ ହୁଅ

ବ୍ରହ୍ମପୁର,୨୮।୩(ନରସିଂହ ସାହୁ)

ବ୍ରହ୍ମପୁର ଲୋକସଭା କ୍ଷେତ୍ର ଭାଜପା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଗୁରୁବାର ନିର୍ବାଚନୀ ପ୍ରଚାର କ୍ୟାମ୍ପେନ ଆରମ୍ଭ କରିଛନ୍ତି। ଗୋପାଳପୁର ନିର୍ବାଚନ ମଣ୍ଡଳୀର ଗୋଳନ୍ଥରା ଏବଂ ଚିକିଟିରେ ରାମଚନ୍ଦ୍ରପଲ୍ଲୀଠାରେ ଦଳର କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ସେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡସ୍ଥ ଏକ ହୋଟେଲରେ ତାଙ୍କୁ ମହାନଗର ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାଷଣ ପ୍ରସଙ୍ଗରେ ପାଣିଗ୍ରାହୀ କହିଥିଲେ ରାଜ୍ୟରେ ପରିବର୍ତ୍ତନର ହାୱା ସୃଷ୍ଟି ହୋଇଛି। ତେଣୁ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ବୁଥ୍‌ସ୍ତରରେ ଭୋଟରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ

### ଭାଜପା ସମାବେଶରେ ପ୍ରଦୀପଙ୍କ ଆହ୍ୱାନ


ବ୍ରହ୍ମପୁରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ନେଇ ସଚେତନ କରାଇବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରୀୟ ଅନୁଦାନର ବ୍ୟାପକ ବାଟମାରଣା ହେଉଥିବା ସେ ଅଭିଯୋଗ କରିଥିଲେ। ଭୋଟ ପ୍ରଚାରରେ ଏହାକୁ ପ୍ରସଙ୍ଗ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

ସମ୍ବର୍ଦ୍ଧନା ସମାରୋହରେ ଭାଜପା ରାଜ୍ୟ ନେତା ସାରଦା ଶତପଥୀ ଓ ଅଶୋକ ମିଶ୍ର ଯୋଗ ଦେଇଥିଲେ। ଜିଲା ସଭାପତି ଡ଼ା. ସୁବାସ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଲୋକସଭା କ୍ଷେତ୍ର ସଂଯୋଜକ ସରୋଜ ସାବତ, ଜିଲା ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ସମାରୋହ କେ. ଅନୀଲ କୁମାର ସଂଯୋଜନା କରିଥିଲେ। ଗତ ମାସ ୨୨ ତାରିଖରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପାରେ ମିଶିଥିବା ଅନୀଲ କୁମାରଙ୍କ ସମର୍ଥକମାନେ ଉପସ୍ଥିତ ଥିଲେ। ସେହିପରି ଗୋଳନ୍ଥରା ସମାବେଶରେ ପୂର୍ବତନ ଜିଲା ସଭାପତି ବିଭୂତି ଜେନା, ଚିକିଟି ସମାବେଶରେ ଭାଜପା ନେତା ମନୋରଂଜନ ଦ୍ୟାନସାମନ୍ତରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବ୍ରହ୍ମପୁର ବୈଠକରେ ବିଏମସିର ପୂର୍ବତନ ମେୟର ଶିବ ଶଙ୍କର ଦାସ ଯୋଗଦେଇ ଚର୍ଚ୍ଚାକୁ ଆସିଥିଲେ।

